## ଜ୍ୱାଇଁର ଉନ୍ମତ୍ତକାଣ୍ଡ

# ଶାଶୂ-ଶଶୁରଙ୍କୁ ପୋଡ଼ି ମାରିବାକୁ ଉଦ୍ୟମ

ଶୁଳିଆପଦା/ମୋରଡ଼ା,୧୦।୬(ସମିସ):





ମଙ୍ଗଳବାର ବିଳମ୍ବିତ ରାତିରେ ନିଶାସକ୍ତ ଅବସ୍ଥାରେ ନିଜ ଶ୍ୱଶୁର ଘରକୁ ଆସି ଶାଶୁ ଓ ଶ୍ୱଶୁର ଶୋଇଥିବା ଅବସ୍ଥାରେ ତାଙ୍କୁ ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଛି ଜ୍ୱାଇଁ। ତେବେ ଦେହରେ ନିଆଁ ଲାଗି ଥିବାରୁ ଗୁରୁତର ଅବସ୍ଥାରେ ଶାଶୁ ଶ୍ୱଶୁର ଦୁହେଁ ବାରିପଦା ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଭର୍ତ୍ତି ହୋଇଥିବାର ଜଣାପଡିଛି। ଘଟଣାଟି ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ ନାଉପଦା ଗାଁରେ ଘଟିଛି। ଗୁରୁତର ଆହତଙ୍କ ଝିଅ ସବାନା ଖାତୁନଙ୍କ ଅଭିଯୋଗ ମୁତାବକ ତାଙ୍କ ସ୍ୱାମୀ ବାରିପଦା ଟାଉନ ଥାନା ଅନ୍ତର୍ଗତ ରଘୁନାଥପୁର ୱାର୍ଡ ନମ୍ବର ୨୨ର ସେକ ସବୀର ପ୍ରତିଦିନ ତାଙ୍କୁ ମଦ୍ୟପାନ କରି ପିଟାମରା କରୁଥିଲେ। ଯାହାଫଳରେ ସେ ୫ମାସ ପୂର୍ବରୁ ତାଙ୍କ ବାପ ଘର ନାଉପଦାକୁ ଚାଲି ଆସିଥିଲେ। ତେବେ ଅଭିଯୁକ୍ତ ସେକ ସବୀର ତାଙ୍କ ଘରକୁ ରାତି ୧:୩୦ରେ ଆସି ତାଙ୍କର ଲୁଗା ପଟା ଓ ପଲିଥିନ ଗୁଡିକରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଚାଲିଯାଇଥିଲେ।ଯାହା ଫଳରେ ସେ ଶୁଳିଆପଦା ଥାନାରେ ଅଭିଯୋଗ କରିବା ପରେ ପୁଲିସ ୭୨/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଖୋଜାଖୋଜି କରୁଥିଲେ। ତେବେ ପୁନର୍ବାର ମଙ୍ଗଳବାର ରାତିରେ ସବାନା ଓ ତାଙ୍କ ବାପା ମା ଘରେ ଶୋଇଥିବା ବେଳେ ଅଭିଯୁକ୍ତ ବାଇକରେ ଆସି ନିଆଁ ଲୁହା ଫିଙ୍ଗି ଫେରାର ହୋଇଯାଇଥିଲେ ଯାହାଫଳରେ ସବାନାଙ୍କ ବାପା'ମା ଗୁରୁତର ଅବସ୍ଥାରେ ବାରିପଦା ପିଆରଏମ ମେଡ଼ିକାଲ ରେ ଚିକିତ୍ସିତ ହୋଇଛନ୍ତି।

# ମୟୂରଭଞ୍ଜରେ ଭାରୋତ୍ତୋଳନର ଭବିଷ୍ୟତ ଉଜ୍ଜ୍ୱଳ: କେ ରବିକୁମାର



ବାରିପଦା,୧୦।୬(ସମିସ): ବାରିପଦା ବ୍ଲକର ନଙ୍ଗଳକଟାସ୍ଥିତ ଶକ୍ତିମାନ ଜିମ୍ନାସିୟମରେ ଚାଲିଥିବା ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଭାରତ୍ତୋଳନ ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ପ୍ରଶିକ୍ଷାର୍ଥୀ ମାନଙ୍କୁ ତାଲିମ ପ୍ରଦାନ କରିବା ସହିତ ମୟୂରଭଞ୍ଜ ଜିଲ୍ଲାରେ ଭାରତ୍ତୋଳନର ଭବିଷ୍ୟତ ଉଜ୍ଜ୍ୱଳବୋଲି କହିଛନ୍ତି ଅର୍ଜୁନ ପୁରସ୍କାର ବିଜେତା ଅଲିମ୍ପିଆନ କେ ରବିକୁମାର। ୧୫ଦିନ ଧରି ଓଡିଶାର୨୩ଗୋଟି ଜିଲ୍ଲାର୪୫ଟିସ୍ଥାନରେ୮ ରୁ୧୫ବର୍ଷ ବୟସ ପର୍ଯ୍ୟନ୍ତ ବାଳକ ବାଳିକାଙ୍କ ପାଇଁ ଉଦ୍ଦିଷ୍ଟ ଏହି ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଭାରତ୍ତୋଳନ ପ୍ରଶିକ୍ଷଣ ଶବିରର ଆୟୋଜନ କରାଯାଇଥିବା ବେଳେ ଶିବିରରେ ମୟୂରଭଞ୍ଜ ଜିଲ୍ଲାର ବେତନଟୀ, ବଡସାହି, ବାରିପଦା, ମୋରଡା ସମେତ ବିଭିନ୍ନ ବ୍ଲକରୁ ଶତାଧିକ ପ୍ରଶିକ୍ଷାର୍ଥ ଅଂଶଗ୍ରହଣ କରି ତାଲିମ୍ ନେଉଛନ୍ତି। ଏହି ଅବସରରେ କେ. ରବିକୁମାର ଯୋଗଦେଇ ପ୍ରଶିକ୍ଷାର୍ଥମାନଙ୍କୁ ତାଲିମ୍ ପ୍ରଦାନ"କରିବା ସହିତ ସେମାନଙ୍କ ଦକ୍ଷତାର ସମୀକ୍ଷା କରିଛନ୍ତି। ଶିବିରରେ ଉଲ୍ଲେଖନୀୟ ଦକ୍ଷତା ପ୍ରଦର୍ଶନ ପୂର୍ବକ ଯୋଗ୍ୟତା ଭିତ୍ତିରେ ବିଚାରକମଣ୍ଡଳୀ ଦ୍ୱାରା ଚୟନ ହୋଇଥିବା ପ୍ରତିଯୋଗୀମାନେ ସରକାରଙ୍କ ପକ୍ଷରୁ ଭୁବନେଶ୍ୱରସ୍ଥିତ ଟେନଭିକ ସ୍ପୋର୍ଟ କମ୍ପ୍ଲେକ୍ସରେ ଆଗାମୀ ୩ବର୍ଷ ପର୍ଯ୍ୟନ୍ତ ରହି ସେଠାରେ ରହିବା ଏବଂ ପାଠପଢିବା ସହିତ ଜାତୀୟସ୍ତରୀୟ ସୁବିଧାସୁଯୋଗ ମଧ୍ୟରେ ଭାରତ୍ତୋଳନର ପ୍ରଶିକ୍ଷଣ ନେବାର ବ୍ୟବସ୍ଥା କରାଯାଇଛି। ଆୟୋଜକ ଶକ୍ତିମାନ ଜିମ୍ନାସିୟମର ପ୍ରତିଷ୍ଠାତା ପରେଶଚନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାକାର୍ଯ୍ୟରେ କେ ରବିକୁମାରଙ୍କ ସହିତ ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ, ମୟୂରଭଞ୍ଜ ଜିଲ୍ଲା ୱେଟଲିଫ୍ ଆସୋସିଏସନର ଉପସଭାପତି ଜୀତେନ୍ଦ୍ର ବେହେରା, ସୁକୁଲ ମୁର୍ମୁ, ସଂଗ୍ରାମ କେଶରୀ ଦେବ, ଯୁଗ୍ମସମ୍ପାଦକ ତରୁଣ କୁମାର ମହାନ୍ତି, ଶିକ୍ଷାବିତ ବିପ୍ଳବ ଭଞ୍ଜନ ବୁଗୁଡେଇ, ପ୍ରାକ୍ତନ ଜିଲ୍ଲାପରିଷଦ ସଦସ୍ୟ କାଳୀଚରଣ ନାଏକ ଓ ସୌମ୍ୟରଞ୍ଜନ ମିଶ୍ର ପ୍ରମୁଖ ଅତିଥିଗଣ ଯୋଗଦେଇଥିଲେ। ଶକ୍ତିମାନ ଜିମ୍ନାସିୟମର ଭିତ୍ତିଭୂମି ଏବଂ ଭାରତ୍ତୋଳନ ପ୍ରତି ଯୁବପୀଢୀଙ୍କୁ ଆକୃଷ୍ଟ କରାଇବାରେ ଏହାର ପ୍ରତିଷ୍ଠାତା ଶ୍ରୀ ମହାନ୍ତଙ୍କର ନିରନ୍ତର ଉଦ୍ୟମ ପାଇଁ ମୟୂରଭଞ୍ଜ ଜିଲ୍ଲାରେ ଭାରତ୍ତୋଳନର ଭବିଷ୍ୟତ ଉଜ୍ଜ୍ୱଳ ବୋଲି କେ ରବିକୁମାର କହିଛନ୍ତି। ପ୍ରକାଶ ଥାଉକି ଆସନ୍ତା ୧୨ତାରିଖରେ ଏହି ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଶିବିର ଉଦଯାପିତ ହେବ।

# ସ୍ୱାସ୍ଥ୍ୟ ପରୀକ୍ଷା ନାଁରେ ଚକ୍ଷୁ ଅପରେସନ ଅଭିଯୋଗ



**ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ**

ବାରିପଦା,୧୦।୬(ସମିସ): ସ୍ୱାସ୍ଥ୍ୟ ପରୀକ୍ଷା ବାହାନାରେ ବାରିପଦାର ଏକ ଘରୋଇ ଡାକ୍ତରଖାନା ରୋଗୀମାନଙ୍କ ଆଖି ଅପରେଶନ କରିଥିବା ଅଭିଯୋଗ ଘଟଣାରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଅଭିଯୋଗକାରୀଗଣ ଜିଲ୍ଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଜିଲ୍ଲାପାଳ ଏଥିରେ ତୀବ୍ର ଉଦ୍‌ବେଗ ଓ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଡକାଇ ଘଟଣାର ଏକ ନିରପେକ୍ଷ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ପ୍ରମାଣିତ ହେଲେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ବଡ଼ସାହି ବ୍ଲକର ନରଣପୁର ଗ୍ରାମର ୧୧ ଓ ଭୀମଦା ଗ୍ରାମର ୩ଜଣଙ୍କୁ ଜଣେ ସ୍ୱେଚ୍ଛାସେବୀ ଏକ ଘରୋଇ ହସପିଟାଲ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ନେଇଥିଲେ। ରୋଗୀମାନଙ୍କୁ ମାଗଣାରେ ଚିକିତ୍ସା କରିବେ ବୋଲି କହି ନିଜର ଆଧାରକାର୍ଡ ସାଙ୍ଗରେ ଆଣିବାକୁ କହିଥିଲେ।ରୋଗୀମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ଥିବା ବେଳେ ସେମାନଙ୍କ ଆଖି ପରୀକ୍ଷା କରି ଅପରେଶନ କରିଥିଲେ। ଯାହାକୁ ନେଇ ପରିବାର ଲୋକଙ୍କ ଅଜାଣତରେ ଏଭଳି କାର୍ଯ୍ୟ କରାଯାଇଛି। ଗରିବ ଅସହାୟ ଲୋକଙ୍କ ସରକାରୀ 'ଆୟୁଷ୍ମାନ କାର୍ଡ'କୁ ମୋହରା କରି ଅର୍ଥ ହରିଲୁଟ୍ ଚାଲିଛି ବୋଲି ରୋଗୀଙ୍କ ସମ୍ପର୍କୀୟ ଛାଡିବାକୁ ଯାଇଥିବା ମେଡିକାଲ ଗାଡି ଓ ଚାଳକଙ୍କୁ ମଙ୍ଗଳବାର ଅଟକ ରଖି ବଡ଼ସାହି ପୁଲିସକୁ ଜିମା ଦେଇଥିଲେ। ସେମାନଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା ମଧ୍ୟ ରୁଜୁ କରି ପୁଲିସ ତଦନ୍ତ ଚଳାଇଛି।

# ପିଭିଟିଜିଙ୍କ ଏସ୍‌ଆଇଆର୍ କ୍ୟାମ୍ପ ନେଇ ଆଲୋଚନା କଲେ ଉପ ଜିଲ୍ଲାପାଳ



ରାଇରଙ୍ଗପୁର,୧୦।୬(ସମିସ): ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)-୨୦୨୬ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପାଞ୍ଚପିଢ଼ ଉପଖଣ୍ଡରେ ପ୍ରକ୍ରିୟା ଆରମ୍ଭ ହୋଇଛି। ଯଶିପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ମଧ୍ୟ ପିଭିଟିଜି ଆଦିମ ଜନଜାତି ସମ୍ପ୍ରଦାୟଙ୍କ ପାଇଁ ସ୍ୱତନ୍ତ୍ର ଏସ୍‌ଆଇଆର୍ କ୍ୟାମ୍ପ ଆୟୋଜନ କରାଯାଇଛି। ଉପ ଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ନିଜେ ସ୍ଥିତି ଅନୁଧ୍ୟାନ କରି ଏସଆଇଆର ନେଇ ସଚେତନ କରିଥିଲେ। ଏହାସହିତ ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ପ୍ରତ୍ୟେକ ଯୋଗ୍ୟ ମତଦାତା ଯେପରି ଏଥିରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ଏହି ପଦକ୍ଷେପ ଜାରି ରହିଛି। ପିଭିଟିଜି ଜନସାଧାରଣଙ୍କ ଘରକୁ ଯାଇ ତଥ୍ୟ ସଂଗ୍ରହ କରିଛନ୍ତି। ଏହାସହିତ ସମ୍ପୂର୍ଣ୍ଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଇଏଫ ସାର୍ଟିଫିକେଟ ପ୍ରଦାନ କରିଛନ୍ତି। ଏସ୍‌ଆଇଆର୍ ନେଇ ପ୍ରଶିକ୍ଷଣ ଗ୍ରହଣ କରିବା ପରେ ବିଏଲଓ ଏବଂ ସୁପରଭାଇଜର ମାନେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଭୋଟର ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଜାରି ରହିଛି। ଏହି ଏସଆଇଆର ପ୍ରକ୍ରିୟାରେ କ୍ଷେତ୍ର ସ୍ତରରେ ବିସ୍ତୃତ ଭାବେ ଆଲୋଚନା କରି ତଥ୍ୟ ସଂଗ୍ରହ କରୁଛନ୍ତି। ଏହି ପ୍ରକ୍ରିୟାରେ ବିଶେଷ କରି ମତଦାତା ତାଲିକାକୁ ତ୍ରୁଟିଶୁନ୍ୟ, ସ୍ୱଚ୍ଛ ଏବଂ ଅଧୁନାତନ କରିବା ସହିତ ଯୋଗ୍ୟତା ସୂଚକ ତାରିଖ ଅନୁଯାୟୀ ସମସ୍ତ ଯୋଗ୍ୟ ମତଦାତାଙ୍କ ନାମ ସଠିକ ଭାବେ ଅନ୍ତର୍ଭୁକ୍ତ କରିବା କାର୍ଯ୍ୟ ରହିଛି। ବିଏଲ୍‌ଓ ଓ ସୁପରଭାଇଜର ମାନଙ୍କୁ ଘରକୁ ଘର ଯାଇ ସର୍ବେକ୍ଷଣ ପ୍ରକ୍ରିୟା, ନୂତନ ଯୋଗ୍ୟ ମତଦାତାଙ୍କ ନାମ ସଂଯୁକ୍ତ କରିବା, ମୃତ ଓ ସ୍ଥାନାନ୍ତରିତ ଓ ଅଯୋଗ୍ୟ ମତଦାତାଙ୍କ ନାମକୁ ଚିହ୍ନଟ କରି ଭୋଟର ତାଲିକାରୁ ବାଦ୍ ଦେବା, ମତଦାତାଙ୍କ ତଥ୍ୟ ସଂଶୋଧନ, ଉଦ୍ଦିଷ୍ଟ ଫର୍ମ ପୂରଣ ସହିତ ଅନଲାଇନ୍ ଓ ଅଫଲାଇନ୍ ଆବେଦନ ପ୍ରକ୍ରିୟା ସମ୍ପର୍କରେ ବିସ୍ତୃତ ଭାବେ ସଂଗ୍ରହ କରୁଛନ୍ତି। ଏକ ସୁଦୃଢ ଗଣତନ୍ତ୍ର ପ୍ରତିଷ୍ଠା ନିମନ୍ତେ ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତା, ତ୍ରୁଟିଶୁନ୍ୟତା ବଜାୟ ରଖିବା ପାଇଁ କ୍ଷେତ୍ରସ୍ତରୀୟ କର୍ମଚାରୀ ମାନେ ଏସ ଆଇ ଆର ପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଓ ଗୁଜବ ମୁକ୍ତ ରଖି ଅତ୍ୟନ୍ତ ଯତ୍ନଶୀଳର ସହିତ ସଠିକ ଭାବେ ଏହି କାର୍ଯ୍ୟକୁ ସମ୍ପାଦନ କରିବା ପାଇଁ ପରାମର୍ଶ ଦିଆଯାଇଛି।

# ନାହ୍ଲୁଆ ନଦୀରୁ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର

କୁଆମରା,୧୦।୬(ସମିସ): ଗୋପବନ୍ଧୁ ନଗର ବ୍ଲକ ଦେଇ ପ୍ରବାହିତ ନାହ୍ଲୁଆ ନଦୀରୁ ଆଜି ଜଣେ ବୃଦ୍ଧାଙ୍କର ମୃତଦେହ ଉଦ୍ଧାର କରିଛି ଖୁଣ୍ଟା ପୁଲିସ। ମୃତକ ହେଉଛନ୍ତି ବାଲଡିହା ଗ୍ରାମର ସୀତା ମୁର୍ମୁ (୭୦)। ଗତକାଲି ସୀତା ନଦୀକୁ ଶୌଚ ହେବାକୁ ଆସି ଘରକୁ ଫେରି ନଥିଲେ। ପରିବାର ଲୋକେ ଖୋଜା ଖୋଜି କରି ପାଇ ନଥିବା ବେଳେ ଆଜି ସକାଳେ ନଦୀରେ ପଡିଥିବାର ଦେଖିବାକୁ ମିଳିଥିଲା।ତେବେ ଖୁଣ୍ଟା ଥାନା ପୁଲିସ ପହଞ୍ଚି ଉଦଳା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ସହ ୩୧/୨୬ ନମ୍ବରରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ତେବେ ମୃତ୍ୟୁର ସଠିକ କାରଣ ଜଣା ପଡିନଥିବା ବେଳେ ଅଂଶୁଘାତ ଜନିତ ମୃତ୍ୟୁ ଘଟି ଥାଇ ପାରେ ବୋଲି ଅନୁମାନ କରାଯାଉଛି। ବ୍ୟବଚ୍ଛେଦରିପୋର୍ଟଆସିଲେମୃତ୍ୟୁରସଠିକକାରଣଜଣାପଡ଼ିବବୋଲିକୁହାଯାଇଛି।

# ବିର୍ସାମୁଣ୍ଡାଙ୍କ ବଳିଦାନ ଦିବସ

କୁଆମରା,୧୦।୬(ସମିସ): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ନୂଆସାହି ଗାନ୍ଧୀଜି ଯୁବକ ସଂଘ ଓ କାଳିପଦା ମୁଣ୍ଡାରୀ ବିକାଶ ପରିଷଦ ପକ୍ଷରୁ ବିର୍ସା ମୁଣ୍ଡାଙ୍କ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ନୂଆସାହି, ମାଙ୍କଡକେନ୍ଦା, ଦିଘି ନୂଆସାହି ଓ ଡମ୍ବୁରଡିହି ଚାରୋଟି ଦଳ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ସର୍ବେଶ୍?ର ଲେଙ୍କା ଖେଳ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କମଳାକାନ୍ତ ସିଂ, ଶିକ୍ଷକ ରାମଚନ୍ଦ୍ର ସିଂ, କାର୍ଯ୍ୟକ୍ରମ ରେ ଅତିଥି ଭାବେ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ସ୍ମୃତି ଚାରଣ କରିବା ସହ ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିବା ସମସ୍ତ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସଂଘର ସଦସ୍ୟ ଲକ୍ଷ୍ମୀକାନ୍ତ ସିଂ, କ୍ଷିତିଶ ସିଂ, ବଳଭଦ୍ର ସିଂ, ଫକୀର ମୋହନ ସିଂ, ମନୋଜ ସିଂ, କୃଷ୍ଣ ଗୋପାଳ ସିଂ ପ୍ରମୁଖ ପରିଚାଳନା କରିଥିଲେ। ସନ୍ଧ୍ୟାରେ ମହିଳା ମାନଙ୍କୁ ନେଇ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# କରଞ୍ଜିଆ ବଜାରରୁ ଶିଶୁ କନ୍ୟା ଉଦ୍ଧାର; ପରିଚୟ ଖୋଜୁଛି ପ୍ରଶାସନ

କରଞ୍ଜିଆ,୧୦।୬(ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବଜାର ଅଞ୍ଚଳରୁ ଜଣେ ଅଜଣା ଶିଶୁ କନ୍ୟାଙ୍କୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ଶିଶୁଟି ଅନ୍ୟ କୌଣସି ସ୍ଥାନରୁ ନିଖୋଜ ହୋଇଥିବା ସନ୍ଦେହ କରାଯାଉଥିବା ବେଳେ, ସେ ନିଜ ପରିଚୟ କିମ୍ବା ପରିବାର ସମ୍ପର୍କରେ କୌଣସି ସୂଚନା ଦେଇପାରୁ ନାହାନ୍ତି। ସ୍ଥାନୀୟ ଲୋକଙ୍କ ନଜରକୁ ଆସିବା ପରେ ଶିଶୁ କନ୍ୟାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା।



ତେବେ ତାଙ୍କ ପରିଚୟ ଏପର୍ଯ୍ୟନ୍ତ ଅଜଣା ରହିଥିବାରୁ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ଶିଶୁଟି କେଉଁଠାରୁ ଆସିଛନ୍ତି ଏବଂ ତାଙ୍କ ପରିବାର କେଉଁଠାରେ ଅଛନ୍ତି, ସେନେଇ ଖୋଜାଖୋଜି ଜାରି ରହିଛି। ଏହି ପରିପ୍ରେକ୍ଷୀରେ ସାଧାରଣ ଜନତାଙ୍କ ସହଯୋଗ ଲୋଡ଼ାଯାଇଛି। ଶିଶୁଟିଙ୍କ ଫଟୋ ଓ ସୂଚନାକୁ ନିଜ ନିଜ ଡଷବଗ୍ସଗ୍ସଇକ୍ଟ୍ରକ୍ଟ ଗ୍ରୁପ୍, ଋବମରଭକ୍ଟକ୍ଟଲ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମରେ ବ୍ୟାପକ ଭାବେ ପ୍ରସାର କରିବାକୁ ଅନୁରୋଧ କରାଯାଇଛି। ଯଦି କୌଣସି ବ୍ୟକ୍ତି ଶିଶୁଟିଙ୍କ ପରିଚୟ, ପରିବାର କିମ୍ବା ଠିକଣା ସମ୍ପର୍କରେ ସୂଚନା ଜାଣିଥାନ୍ତି, ତେବେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଅବଗତ କରାଇବା ପାଇଁ ଅନୁରୋଧ କରାଯାଇଛି।ସାମାଜିକ ସହଯୋଗ ଓ ସଚେତନତା ମାଧ୍ୟମରେ ଏହି ଶିଶୁ କନ୍ୟାଙ୍କୁ ତାଙ୍କ ପରିବାର ସହ ପୁନର୍ମିଳନ କରାଯାଇପାରିବ ବୋଲି ଆଶା କରାଯାଉଛି। ପ୍ରଶାସନ ପକ୍ଷରୁ ମଧ୍ୟ ଶିଶୁଟିଙ୍କ ପରିଚୟ ଖୋଜିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି।

# ଚାଷ ଜମି ଉପରେ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ଖୁଣ୍ଟ ନେଇ ଅସନ୍ତୋଷ

ତେଲକୋଇ, ୧୦।୬(ସମିସ): ପଲ୍ଲୀସଭା ନକରି ଚାଷ ଜମି ଉପରେ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ଖୁଣ୍ଟ ପୋତିବାକୁ ନେଇ ଜିଲ୍ଲାପାଳଠାରେ ଅଭିଯୋଗ ପରେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ତେଲକୋଇ ବ୍ଲକ ଖୁଣ୍ଟାପଡା ପଞ୍ଚାୟତ ଖୁଣ୍ଟାପଡା ଗାଁରେ। ଗୋଳାବନ୍ଧ ୨୨୦/୩୩ କେଭି ଗ୍ରୀଡ ଷ୍ଟେସନରୁ ସିରିଗିଡା ୩୩କେଭି ସବଷ୍ଟେସନକୁ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ଖୁଣ୍ଟ ଓ ତା'ର ଟଣାଯାଉଛି। ସୂଚନା ଅଧିକାର ଆଇନ ଅନୁଯାୟୀ, ଗ୍ରାମରେ ପଲ୍ଲିସଭା ହୋଇ ନଥିବା ଗ୍ରାମବାସୀ ସୂଚନା ଆଦାୟ କରିଛନ୍ତି। ଏନେଇ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ଟିପିଏନଓଡିଏଲ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ତେଲକୋଇ ତହସିଲଦାର, ତେଲକୋଇ ଥାନାରେ ମଧ୍ୟ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦୁଇଦୁଇଥର ଅଭିଯୋଗ ପରେ ଏନେଇ ଟିପିଏନଓଡିଲ ନିର୍ବାହୀ ଯନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ପକ୍ଷରୁ ଏହାର ସମାଧାନ ପାଇଁ ତାଗିଦ୍ କରାଯାଇଥିଲେ ମଧ୍ୟ ଏହାକୁ ଟିପିଏନଓଡିଏଲ ଅଧିକାରୀ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବା ଅଭିଯୋଗ ହୋଇଛି। ଗତକାଲି ଏନେଇ ଗୋଳାବନ୍ଧ ୨୨୦/୩୩ କେଭି ଗ୍ରିଡ ଦାୟିତ୍ୱରେ ଥିବା ଡେପୁଟି ମ୍ୟାନେଜରଙ୍କୁ ୩୩ କେଭି ଲାଇନ୍‌ରେ ଗ୍ରାମବାସୀଙ୍କ ସମସ୍ୟା ସମାଧାନ ନହେବା ପର୍ଯ୍ୟନ୍ତ କରେଣ୍ଟ ଚାର୍ଜ ନକରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଲିଖିତ ଅନୁରୋଧ କରାଯାଇଛି। ଏହାପରେ ମଧ୍ୟ ସମସ୍ୟାର ସମାଧାନ ନହେଲେ ଆଇନର ଆଶ୍ରୟ ନେବାପାଇଁ ଗ୍ରାମବାସୀ ପ୍ରକାଶ କରିଛନ୍ତି।

# ମୟୂରଭଞ୍ଜର ଚାଷୀ ପଞ୍ଜୀକରଣରେ ଉଲ୍ଲେଖନୀୟ ପ୍ରଗତି



**ବଡ଼ସାହି ଓ ବିଶୋଇ ବ୍ଲକ ଶ୍ରେଷ୍ଠ**

ବାରିପଦା ୧୦।୬ (ସମିସ): ଚାଷୀ ପଞ୍ଜୀକରଣ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକ ମଧ୍ୟରୁ ବଡସାହି ଓ ବିଶୋଇ ବ୍ଲକ ସର୍ବୋଚ୍ଚ ପ୍ରଦର୍ଶନ କରିଛନ୍ତି। ଓଡ଼ିଶା କୃଷି ବିଭାଗର ସର୍ବଶେଷ ରାଙ୍କିଙ୍ଗ ଅନୁଯାୟୀ ଜିଲ୍ଲାର ଅଧିକାଂଶ ବ୍ଲକ ରାଜ୍ୟ ମଧ୍ୟମ ପ୍ରଗତି ଦେଖାଇଛନ୍ତି। ଜିଲ୍ଲାର ସର୍ବୋଚ୍ଚ ପ୍ରଦର୍ଶନ କରିଥିବା ବଡ଼ସାହି ବ୍ଲକର ଧାର୍ଯ୍ୟ ଲକ୍ଷ୍ୟ ୧୯,୭୫୨ ମଧ୍ୟରୁ ୧୧,୭୧୫ ଚାଷୀ ପଞ୍ଜୀକୃତ କରି ୫୯.୩୧ ପ୍ରତିଶତ ସଫଳତା ପାଇ ଜିଲ୍ଲାରେ ପ୍ରଥମ ହୋଇଥିବା ବେଳେ ବିଶୋଇ ବ୍ଲକ ୬୦.୬୬ଧ ସଫଳତା ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ସେହିପରି ରାସଗୋବିନ୍ଦପୁର ବ୍ଲକ ୫୦.୯୬, ଉଦଳା ବ୍ଲକ ୪୮.୬୨, ଠାକୁରମୁଣ୍ଡା ବ୍ଲକ ୪୬.୨୨, ମୋରଡ଼ା ବ୍ଲକ ୪୫.୭୪, ଗୋପବନ୍ଧୁନଗର ବ୍ଲକ ୪୫.୩୭, ବିଜାତଳା ବ୍ଲକ ୪୪.୪୧, "କୁସୁମୀ ବ୍ଲକ ୪୩.୮୨, ବେତନଟି ବ୍ଲକ ୪୨.୯୩, ଶାମାଖୁଣ୍ଟା ବ୍ଲକ ୪୦.୭୨, "ବାରିପଦା ବ୍ଲକ ୪୦.୫୬, ଶୁଳିଆପଦା ବ୍ଲକ ୪୦.୨୮, ରାଇରଙ୍ଗପୁର ବ୍ଲକ ୩୯.୮୧, କପ୍ତିପଦା ବ୍ଲକ ୩୯.୭୯, କୁଳିଅଣା ବ୍ଲକ ୩୯. ୭୮, ବାଙ୍ଗିରିପୋଷି ବ୍ଲକ ୩୯.୦୬, ରରୁଆଁ ବ୍ଲକ ୩୬.୩୧, କରଞ୍ଜିଆ ବ୍ଲକ ୩୪.୪୬, ଖୁଣ୍ଟା ବ୍ଲକ ୩୩.୯୬, ଶୁକୃଳି ବ୍ଲକ ୩୦.୩, ଯଶିପୁର ବ୍ଲକ ୨୮.୨୪, ଜାମଦା ବ୍ଲକ ୨୭.୮୧, ବହଳଦା ବ୍ଲକ ୨୬.୫୫ ପ୍ରତିଶତ ସଫଳତା ପାଇଥିବା ବେଳେ ତିରିଙ୍ଗ ବ୍ଲକରେ ସର୍ବନିମ୍ନ ୧୮.୪୫ ପ୍ରତିଶତ ଚାଷୀ ପଞ୍ଜୀକରଣ କରିଛନ୍ତି। ଜିଲ୍ଲାପାଳ ହେମକାନ୍ତ ସଏ ନିଜେ ବିଭିନ୍ନ ବ୍ଲକ ଗସ୍ତ ପୂର୍ବକ ପଞ୍ଜୀକରଣ କାର୍ଯ୍ୟ ତଦାରଖ କରୁଛନ୍ତି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ନେତୃତ୍ୱରେ କର୍ମଚାରୀମାନେ ପଞ୍ଜିକରଣ ପାଇଁ ଦିନରାତି ପ୍ରଚେଷ୍ଟା କରୁଛନ୍ତି। ଜିଲ୍ଲାର ସାମଗ୍ରିକ ପ୍ରଗତି କୃଷକଙ୍କ କଲ୍ୟାଣ ପାଇଁ ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏହି ପ୍ରୟାସ ଦ୍ୱାରା ସମସ୍ତ ବ୍ଲକ ଶୀଘ୍ର ୫୦ଧ ସୀମା ଅତିକ୍ରମ କରିବାକୁ କୃଷି ବିଭାଗ ପ୍ରତିବଦ୍ଧତା ପ୍ରକାଶ କରିଛି। ଚାଷୀମାନେ ମଧ୍ୟ ସକ୍ରିୟ ସହଯୋଗ କରି ଏହି ଅଭିଯାନକୁ ସଫଳ କରିବାକୁ ବିଭାଗ ନିବେଦନ କରିଥିଲେ।

# ଯାତ୍ରୀଙ୍କ ଆବଶ୍ୟକତାକୁ ରେଳ ବିଭାଗର ଅଣଦେଖା

ବାରିପଦା,୧୦।୬(ସମିସ):

- ଭଞ୍ଜପୁର-ପୁରୀ ଟ୍ରେନ୍‌ରେ ମିଳୁନି ଟିକଟ
- ୧୦ଟି ବଗିରୁ ଏବେ ଚାଲୁଛି ୯
- ୨ଟି ଥାର୍ଡ ଏସି କୋଚ ଓ ଅଧିକ ୩ଟି ସ୍ଲିପର କୋଚ ଦାବି



ଭଞ୍ଜପୁର-ପୁରୀ ଏକ୍ସପ୍ରେସ ଟ୍ରେନ୍ (୧୮୦୧୭/୧୮)ରେ ଯାତ୍ରୀଙ୍କ ଆବଶ୍ୟକତାକୁ ଦକ୍ଷିଣ-ପୂର୍ବ ରେଳବାଇ ସଂପୂର୍ଣ୍ଣଭାବେ ଅଣଦେଖା କରୁଥିବାରୁ ଯାତ୍ରୀମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବର୍ତ୍ତମାନ ଏହି ଟ୍ରେନ ଯାତ୍ରୀଙ୍କ ପ୍ରଥମ ପସନ୍ଦ ପାଲଟିଥିବା ବେଳେ ଟ୍ରେନରେ ଯାତ୍ରାପାଇଁ ଟିକେଟଟିଏ ମିଳିବା କଷ୍ଟକର ହୋଇ ପଡୁଛି। ପୂର୍ବରୁ ଏହି ଟ୍ରେନରେ ୧୦ଟି ବଗିଥିବା ବେଳେ ଏହାକୁ ୯କୁ କମାଇ ଦିଆଯାଇଛି। ଫଳରେ ନିର୍ଭରଶୀଳ ଯାତ୍ରୀମାନେ ଟ୍ରେନରେ ଯାତାୟାତରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ ଏହି ଟ୍ରେନରେ ୩ଟି ସାଧାରଣ ବଗି, ୨ଟି ସ୍ଲିପର ବଗି, ୨ଟି ସଂରକ୍ଷିତ ବଗି ଏବଂ ଦିବ୍ୟାଙ୍ଗଙ୍କ ପାଇଁ ଉଦ୍ଦିଷ୍ଟ ୨ଟି ବଗିରେ ଗାର୍ଡଭ୍ୟାନ ଓ ଲଗେଜ ରଖିବାର ବ୍ୟବସ୍ଥା ରହିଛି। ଏହି ଟ୍ରେନରେ ପୁରୀ ସମେତ ଭୁବନେଶ୍ୱର ଓ କଟକ ପାଇଁ ଭଡା ବସ ତୁଳନାରେ ଶସ୍ତା ଥିବାରୁ ଯାତ୍ରୀମାନେ ଯିବାକୁ ଅଧିକ ପସନ୍ଦ କରୁଛନ୍ତି। ଏହା ସତ୍ତ୍ୱେ ଏହି ଟ୍ରେନରେ ଟିକେଟ ମିଳୁନଥିବାରୁ ଯାତ୍ରୀମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ସମ୍ବେଦନଶୀଳ ପ୍ରସଙ୍ଗ ଓ ଯାତ୍ରୀଙ୍କ ଆବଶ୍ୟକତାକୁ ଲକ୍ଷ୍ୟରଖି ମୟୂରଭଞ୍ଜ ରେଳଯାତ୍ରୀ ଫୋରମ ପକ୍ଷରୁ ଅଧିକ ୩ଟି ସ୍ଲିପର କୋଚ ଓ ଆରାମଦାୟକ ଯାତ୍ରାପାଇଁ ଅନ୍ୟୁନ ୨ଟି ଥାର୍ଡ ଏସିକୋଚର ବ୍ୟବସ୍ଥା ତୁରନ୍ତ କରିବାକୁ ଦାବି ହୋଇଛି। ଭଞ୍ଜପୁର-ପୁରୀ ଟ୍ରେନରେ ଯାତ୍ରୀଙ୍କୁ ସପ୍ତାହେ ପୂର୍ବରୁ ଟିକଟ ମିଳୁନଥିବା ବେଳେ ୱେଟିଂ ଲିଷ୍ଟ ଅଧିକ ରହୁଥିବା ସତ୍ତ୍ୱେ କାହିଁକି ରେଳବାଇ ଅଧିକ ବଗି ଦେବାକୁ ଅନିଚ୍ଛୁକ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉଭୟ ପୂର୍ବତଟ ରେଳବାଇ ଏବଂ ଦକ୍ଷିଣପୂର୍ବ ରେଳ କର୍ତ୍ତୃପକ୍ଷ ଏ ପ୍ରସଙ୍ଗରେ ଯାତ୍ରୀଙ୍କ ସୁବିଧା ନିମିତ୍ତ ଏହି ଟ୍ରେନରେ ଅଧିକ ବଗି ସଂଖ୍ୟା ତୁରନ୍ତ ବୃଦ୍ଧି କରିବାକୁ ଦାବି ହେଉଛି। ଏନେଇ ଜିଲ୍ଲାର ସମସ୍ତ ବିଧାୟକ, ମୟୂରଭଞ୍ଜ ଓ ବାଲେଶ୍ୱର ଲୋକସଭା ସାଂସଦ ନିଜ ଦଳର ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଦାବି ହେଉଛି।

# ବର୍ଷା ଅଭାବରୁ ଆଗେଇ ପାରୁନି ଚାଷ କାମ

## ଚାଷୀଙ୍କ ପସନ୍ଦ ସ୍ୱର୍ଣ୍ଣ, କଳାଚମ୍ପା ଓ ହାଇବ୍ରିଡ ବିହନ

ବଡ଼ସାହି, ୧୦।୬(ସମିସ): ଅକ୍ଷୟ ତୃତୀୟା ପରଠାରୁ ଖରିଫ ଚାଷ ପାଇଁ ଏହି ବ୍ଲକର ଚାଷୀକୂଳ ସେମାନଙ୍କ ପ୍ରସ୍ତୁତି ସମ୍ପ୍ରତି ଆରମ୍ଭ କରିଛନ୍ତି। ଅଦିନିଆ ଝଡବର୍ଷା ବର୍ଷା ଚାଷୀଙ୍କ ରବି ଚାଷକୁ ପ୍ରଭାବିତ କରିଛି। ବିଶେଷକରି ପରିବା ଚାଷୀ ଏହି ବର୍ଷାରେ ବେଶୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଫଳରେ ପରିବା ଦର ଆକାଶ ଛୁଆଁ ହୋଇଛି। ଚଳିତ ବର୍ଷ ମୌସୁମୀ ଶୀଘ୍ର ପହଞ୍ଚିବା ନେଇ ପାଣିପାଗ ବିଭାଗ ସୂଚନା ଦେଉଥିଲେ ହେଁ ଏଲ-ନିନୋ ପ୍ରଭାବକୁ ନେଇ ଚାଷୀ ଚିନ୍ତାରେ ଅଛନ୍ତି। ଖରିଫ୍ ଚାଷ ପାଇଁ କିଛି ଚାଷୀ ସେମାନଙ୍କ ଜମିରେ ହଳ କାର୍ଯ୍ୟ ଆରମ୍ଭ କରିଛନ୍ତି। ଚଳିତ ବର୍ଷ ମଧ ମୌସୁମୀର ଲୁଚକାଳି ଖେଳ ପାଇଁ ଲଘୁଚାପ ବର୍ଷା ଚାଷୀଙ୍କ ସାହା ଭରସା ହେବ ବୋଲି ଜଣାଯାଇଛି। ସମ୍ପୃକ୍ତ ବିଭାଗକୁ ବିହନ ଆସିଥିବା ସତ୍ତ୍ୱେ ବିହନ ନେବା ପାଇଁ ଚାଷୀଙ୍କ ମଧ୍ୟରେ ଆଗ୍ରହ ନାହିଁ। ବଡ଼ସାହି ବ୍ଲକ ଅଧୀନରେ ଥିବା ବଡସାହି, ମାନଗୋବିନ୍ଦପୁର ଓ ସାନକେରକ ଲ୍ୟାମ୍ପସ ପାଇଁ ବିଭାଗ ପକ୍ଷରୁ ଚଳିତ ବର୍ଷର ଖରିଫ ଚାଷ ପାଇଁ ରାଜ୍ୟ ବିହନ ନିଗମରୁ ଆବଶ୍ୟକତା ଅନୁସାରେ ବିଭିନ୍ନ କିସମର ବିହନ ଯୋଗାଇ ଦିଆଯାଇଛି। ଏତଦବ୍ୟତୀତ ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ହିଞ୍ଜିଳିଗଡ଼ିଆ, ହରିପୁର, ପତରାପଦା ଓ ପଳାସବଣୀଠାରେ ବିଭାଗ ପକ୍ଷରୁ କ୍ଷେତ ବଚାଓ ଅଭିଯାନ ମାଧ୍ୟମରେ ଉନ୍ନତମାନର ଚାଷ ପ୍ରଣାଳୀ ପ୍ରଦର୍ଶନ କରାଯାଇଛି। ଅଦ୍ୟାବଧି ବଡସାହି ଲ୍ୟାମ୍ପସକୁ ସ୍ୱର୍ଣ୍ଣ ୬୦ କ୍ୱିଣ୍ଟାଲ, ପୂଜା ୧୦ କ୍ୱିଣ୍ଟାଲ, କଳା ଚମ୍ପା ୩୦ କ୍ୱିଣ୍ଟାଲ ଓ ସ୍ୱର୍ଣ୍ଣ ସାଗୁଆନ ୧୦ କ୍ୱିଣ୍ଟାଲ ମୋଟ ୧୧୦ କ୍ୱିଣ୍ଟାଲ ଯୋଗାଇ ଦିଆଯାଇଥିବା ବିଭାଗ ସୂତ୍ରରୁ ଜଣାଯାଇଛି। ଇନ୍ଦ୍ରାଣୀ ଓ ଯମୁନା ହାଇବ୍ରିଡ ବିହନ ମଧ ବିନା ସବସିଡରେ ଦିଆଯାଉଥିବା ଜଣାଯାଇଛି।

ସେହିପରି ମାନଗୋବିନ୍ଦପୁର ଲ୍ୟାମ୍ପସକୁ ସ୍ୱର୍ଣ୍ଣ ୧୩ କ୍ୱିଣ୍ଟାଲ, ପୂଜା ୨ କ୍ୱିଣ୍ଟାଲ, କଳାଚମ୍ପା ୨୭ ଓ ପ୍ରତୀକ୍ଷା ୩ କ୍ୱିଣ୍ଟାଲ ମୋଟ ୪୫ କ୍ୱିଣ୍ଟାଲ ଆସିଛି। ସାନକେରକ ଲ୍ୟାମ୍ପସ ପାଇଁ ପ୍ରଥମ ପର୍ଯ୍ୟାୟରେ କଳାଚମ୍ପା ୨୦ କ୍ୱିଣ୍ଟାଲ, ପୂଜା ୫ କ୍ୱିଣ୍ଟାଲ, ସ୍ୱର୍ଣ୍ଣ ସାବୁଆନ ୫ କ୍ୱିଣ୍ଟାଲ ମୋଟ ୩୦ କ୍ୱିଣ୍ଟାଲ ସହିତ କିଛି ହାଇବ୍ରିଡ ବିହନ ଆସିଥିବା ବିଭାଗ ସୂତ୍ରରୁ ଜଣାଯାଇଛି। ବଡ଼ସାହି ବ୍ଲକ ଅଧୀନରେ ୧୪ ଜଣ ଷ୍ଟକିଷ୍ଟ ଥିବାବେଳେ ବଡସାହିର ଅଭିଜିତ ପତି କେବଳ ଚଳିତ ବର୍ଷ ବିହନ ଉଠାଇଥିବା ବ୍ଲକ କୃଷି ଅଧିକାରୀ ରଙ୍ଗନାଥ ପାତ୍ର କହିଛନ୍ତି। ବିହନର ଦର ବୃଦ୍ଧି କରି ସବସିଡ ପ୍ରଦାନ ନିଷ୍ପତ୍ତିକୁ ନେଇ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

ବର୍ତ୍ତମାନ ଲ୍ୟାମ୍ପସମାନଙ୍କରେ ଭଲ କିସମ ବିହନ ମିଳୁ ନ ଥିବାରୁ ବୁଣା କାମ ବାଧାପ୍ରାପ୍ତ ହେଉଥିବା ଚାଷୀ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଚାଷୀ ସହଳ ଚାଷ ପାଇଁ ସଜବାଜ ହେଉଥିବାବେଳେ ବୁଣାବୁଣି ସମୟରେ ଉନ୍ନତମାନର ଭଲ ବିହନର ଅଭାବୀ ବିକ୍ରି ଚାଷ କାର୍ଯ୍ୟକୁ ପ୍ରଭାବିତ କରିଛି। ବଡ଼ସାହି ବ୍ଲକର ୩୦ଟି ପଞ୍ଚାୟତର ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ କୃଷକ ୨୪ ହଜାର ୬୫୦ ହେକ୍ଟର ଚାଷ ଜମି ଉପରେ ନିର୍ଭରଶୀଳ। ସେଥିମଧ୍ୟରୁ ୧୮୫୫୦ ଜମିରେ ଧାନ ଫସଲ ଓ ୬୧୦୦ ହେକ୍ଟର ଜମିରେ ଅଣଧାନ ଫସଲ ପାଇଁ ଲକ୍ଷ୍ୟ ରଖାଯାଇଥିବା ଜଣାଯାଇଥିବା ବିଭାଗ ସୂତ୍ରରୁ ଜଣାଯାଇଛି। ଏହି ଚାଷଜମି ମଧ୍ୟରୁ ୨ ହଜାର ୫୭୯ ହେକ୍ଟର ଉଚ୍ଚଜମି ଥିବାବେଳେ ୩ହଜାର ୭୯୦ ହେକ୍ଟର ମଧ୍ୟମ ଓ ୭ ହଜାର ୧୮୧ହେକ୍ଟର ତଳ ବା ନିମ୍ନଜମି ରହିଛି। ୧୬ ହଜାର ୧୬୦ ହେକ୍ଟର ଜମିର ଚାଷ ବୃଷ୍ଟି ଜଳ ଉପରେ ନିର୍ଭର କରୁଥିବାବେଳେ ୮ ହଜାର ୪୯୦ ହେକ୍ଟର ଜମି ଜଳସେଚିତ। ଏହି ଜମିରେ ବିଶେଷକରି ସ୍ୱର୍ଣ୍ଣ ଧାନ ଚାଷ କରି ଚାଷୀ ହେକ୍ଟର ପିଛା ୨୫ରୁ ୩୦ କ୍ୱିଣ୍ଟାଲ ଧାନ ଅମଳ କରିଥା'ନ୍ତି। ତେବେ ୮ ବର୍ଷ ଧରି କୃଷି ବିଭାଗର ବିଚିତ୍ର ନୀତି ପାଇଁ ଚାଷୀ ହତୋତ୍ସାହିତ ହୋଇପଡ଼ିଛନ୍ତି। ଚାଷୀଙ୍କୁ ବିହନ ଓ ସାର ବିକ୍ରି ସମ୍ପ୍ରତି କୃଷି ବିଭାଗ ପରିବର୍ତ୍ତେ ସମବାୟ ବିଭାଗକୁ ଦିଆଯିବା ଫଳରେ ଚାଷୀ ନୂତନ ଜ୍ଞାନକୌଶଳ ତଥା ଚାଷ ପ୍ରଣାଳୀ ଜାଣିବାରୁ ବଞ୍ଚିତ ରହୁଛନ୍ତି। କୀଟନାଶକ କେବଳ ଘରୋଇ ଷ୍ଟକିଷ୍ଟ ରଖୁଥିବା ଜଣାଯାଇଛି। ଯଥାଶୀଘ୍ର ଆବଶ୍ୟକ ପରିମାଣର ବିହନ ବିଭାଗ ପକ୍ଷରୁ ଯୋଗାଇ ଦିଆଯିବା ସହିତ ଚାଷକାର୍ଯ୍ୟ ଆରମ୍ଭ ପୂର୍ବରୁ ସରକାରଙ୍କ ବିଭିନ୍ନ କୃଷକଙ୍କ ସଚେତନା କାର୍ଯ୍ୟକ୍ରମ ପ୍ରତି ଗ୍ରାମରେ କରାଯିବାକୁ ଦାବି ହେଉଛି।

# ସୁରକ୍ଷିତ ମାତୃତ୍ୱ ଅଭିଯାନରେ ମନ୍ତ୍ରୀ ଗଣେଶରାମଙ୍କ ଯୋଗଦାନ



ଯଶିପୁର, ୧୦।୬(ସମିସ): ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ର ଦଶ ବର୍ଷ ପୂର୍ତ୍ତି ଉପଲକ୍ଷେ ବିଶେଷ ଅଭିଯାନ ର ଶୁଭାରମ୍ଭ କାର୍ଯ୍ୟକ୍ରମ ମୟୂରଭଞ୍ଜ ଯଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସେହି କାର୍ଯ୍ୟକ୍ରମ ରେ ଯଶିପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳ ରୁ ଶତାଧିକ ଗର୍ଭବତୀ ମହିଳା ଉପସ୍ଥିତ ରହିଥିଲେ। ଅତିଥି ଗଣ ପ୍ରଥମେ ମହାପ୍ରଭୁ ଜଗନ୍ନାଥ ଙ୍କ ଫୋଟୋ ଚିତ୍ର ରେ ବନ୍ଦାପନା କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଧୂଣ୍ଡା ମୁଣ୍ଡା ସଭା ପରିଚାଳନା କରିଥିଲେ।ଜନସ୍?ାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଧନଞ୍ଜୟ ସେନାପତି ସୁରକ୍ଷିତ ମାତୃତ୍ୱ ଅଭିଯାନରେ ଜଣେ ଗର୍ଭବତୀ ମହିଳା କିପରି ସରକାରୀ ସୁବିଧାସୁଯୋଗ ପାଇପାରିବ, ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଆଶାକର୍ମୀ ଜେମାମଣି ମହାନ୍ତ ଗର୍ଭବତୀ ଓ ଅନ୍ୟାନ୍ୟ ରୋଗୀ ମାନଙ୍କ ପ୍ରତି ତାଙ୍କର ସଫଳ ସ୍ୱାସ୍ଥ୍ୟ ସେବା ବିଷୟରେ ଅବଗତ କରିଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ତଥା ଯଶିପୁର ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗ ଦେଇଥିଲେ। ପରେଶ ପ୍ରମୁଖ ଇନଡୋର ରୋଗୀମାନଙ୍କୁ ମନ୍ତ୍ରୀ ଫଳ ବଣ୍ଟନ କରିଥିଲେ।

# ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ ସମୟରେ 'ନୋ ଫ୍ଲାଇଙ୍ଗ ଜୋନ୍'

ବାରିପଦା, ୧୦।୬(ସମିସ):"ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଆସନ୍ତା ୧୯ ଓ ୨୦ତାରିଖରେ ମୟୂରଭଞ୍ଜ ଜିଲ୍ଲା ଗସ୍ତ କରିବାର କାର୍ଯ୍ୟକ୍ରମ ଥିବାରୁ ସୁରକ୍ଷା ଦୃଷ୍ଟିରୁ ସମସ୍ତ କାର୍ଯ୍ୟକ୍ରମ ସ୍ଥଳ ଓ ଫଙ୍କ୍ସନ୍ ସାଇଟ୍‌କୁ ନୋ ଡ୍ରୋନ୍ ଜୋନ୍ / ନୋ ଫ୍ଲାଇଙ୍ଗ୍ ଜୋନ୍' ଘୋଷଣା କରାଯାଇଛି।"ମୟୂରଭଞ୍ଜ ଜିଲ୍ଲାପାଳ ଓ ଜିଲ୍ଲାଦଣ୍ଡାଧୀଶଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ପତ୍ରରେ କୁହାଯାଇଛି ଯେ, ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ସୁରକ୍ଷା ବ୍ୟବସ୍ଥା କଠୋର କରାଯିବ। ଏହି ସମୟରେ କୌଣସି ମିଡ଼ିଆ କର୍ମୀ, ଇଭେଣ୍ଟ ମ୍ୟାନେଜମେଣ୍ଟ ଟିମ୍ କିମ୍ବା ଅନ୍ୟ କୌଣସି ବ୍ୟକ୍ତି ଡ୍ରୋନ୍ କ୍ୟାମେରା ବ୍ୟବହାର କରିବା ଉପରେ ସମ୍ପୂର୍ଣ୍ଣ ନିଷେଧ ଜାରି ରହିବ। ମୁଖ୍ୟ ନିର୍ଦ୍ଦେଶନାମା ମଧ୍ୟରେ ସମସ୍ତ କାର୍ଯ୍ୟକ୍ରମ ସ୍ଥଳରେ ଉପଯୁକ୍ତ ଡିସପ୍ଲେ ଓ ସାଇନବୋର୍ଡ ଲଗାଇ ସ୍ପଷ୍ଟ ଭାବେ ନୋ ଡ୍ରୋନ୍ ଜୋନ୍ ଜଣାଇ ଦିଆଯିବ। ଏହି ନିର୍ଦ୍ଦେଶ ଉଲ୍ଲଙ୍ଘନ କଲେ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଓଡ଼ିଶା ଇଣ୍ଟେଲିଜେନ୍ସ ନିର୍ଦ୍ଦେଶକଙ୍କ ପତ୍ର ଅନୁଯାୟୀ ଏହି ସୂଚନା ସମସ୍ତ ଇଲେକ୍ଟ୍ରୋନିକ୍ ମିଡ଼ିଆ କର୍ମୀଙ୍କ ମଧ୍ୟରେ ପ୍ରଚାର କରାଯିବାକୁ କୁହାଯାଇଛି। ଏହାକୁ ଭିଭିଆଇପି ଅର୍ଜେଣ୍ଟ' ବୋଲି ବିବେଚନା କରାଯାଇଛି। ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ସମେତ ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଥିବାରୁ ସ୍ଥାନୀୟ ପ୍ରଶାସନ ଓ ପୁଲିସ୍ ବିଭାଗ ଉଚ୍ଚ ସତର୍କତା ଅବଲମ୍ବନ କରୁଛନ୍ତି।

## ପୋଖରୀ ଖୋଳିବା ଆଳରେ ଝରଣା ପୋତିବାକୁ ବିରୋଧ ଘଟଣା

# ଭୁଲ୍ ସ୍ୱୀକାର ସହିତ ୩ ମାସରେ ମାଟି ଉଠାଇବାକୁ ନିର୍ଦ୍ଦେଶ

ବାରିପଦା/ବଡ଼ସାହି, ୧୦।୬(ସମିସ): ବଡ଼ସାହି ବ୍ଲକ ଯଦୁନାଥପୁର ପଞ୍ଚାୟତର ନରଣପୁର ଓ ହିଞ୍ଜଳଗଡ଼ିଆ ମୌଜାର ଝରଣା(ପ୍ରାକୃତିକ ପ୍ରବାହମାନ ନାଳ) ପୋତିବାକୁ ନେଇ ୪ଟି ପଞ୍ଚାୟତର ନିର୍ଭରଶୀଳ ୩ଶହରୁ ଊର୍ଦ୍ଧ୍ୱ ଚାଷୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଇକୋ ରିସୋର୍ଟ ଓ ୱାଟର ଏମ୍ୟୁଜମେଣ୍ଟ ପାର୍କ ନିର୍ମାଣ ପାଇଁ ଖନନରେ ବାହାରୁଥିବା ମାଟିକୁ ପ୍ରବାହମାନ ନଦୀ, ଝରଣା ଓ ସରକାରୀ ଜଳାଶୟରେ ବେଆଇନ ଭାବେ ପକାଇ ଜଳସ୍ରୋତକୁ ରୋକିବାରୁ ଅସନ୍ତୁଷ୍ଟ ଚାଷୀ ଗତ ମେ ୨୭ତାରିଖରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଭେଟି ୧୫ଦିନ ମଧ୍ୟରେ ଏଭଳି କାର୍ଯ୍ୟକୁ ବନ୍ଦ କରିବା ସହ ପଡ଼ିଥିବା ମାଟିକୁ ଉଠାଇ ଜଳାଶୟର ପୂର୍ବସ୍ଥିତି ଫେରାଇବାକୁ ନିବେଦନ କରିଥିଲେ। ତଦନୁଯାୟୀ ଜିଲ୍ଲାପାଳ ତୁରନ୍ତ ବଡ଼ସାହି ତହସିଲଦାର ବିଶ୍ୱନାଥ ବିଶ୍ୱାଳଙ୍କୁ ଘଟଣସ୍ଥଳ ପରିଦର୍ଶନ କରି ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବା ପରେ ସମସ୍ୟା ସମାଧାନ ହୋଇଛି। ବଡ଼ସାହି ତହସିଲ କାର୍ଯ୍ୟାଳୟରେ ଅଭିଯୋଗକାରୀ ଓ ବିପକ୍ଷ ପକ୍ଷ ପାର୍ଥ ସାରଥୀ ସ୍ୱାଇଁଙ୍କ ଉପସ୍ଥିତିରେ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନାରେ ଶ୍ରୀ ସ୍ୱାଇଁ ଖୋଳୁଥିବା ପୋଖରୀର ମାଟି ସରକାରୀ ଜମି ଖାତା ନଂ ୪୦୨, ପ୍ଲଟ ନଂ ୪୭୭, କିସମ 'ନାଳ'ରେ ଭୁଲ ବସତ ମାଟି ପକାଇ ଦେଇଥିଲେ। ଆଲୋଚନା ପରେ ବିପକ୍ଷ ପକ୍ଷ ନାଳରୁ ମାଟି ଉଠାଇ ନିଜଜାଗାରେ ୩ମାସ ସମୟ ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି। ଏହି ସମୟ ମଧ୍ୟରେ ଆବେଦନକାରୀ ଯଦୁନାଥପୁରର ପୂର୍ବତନ ସରପଞ୍ଚ ବିଶ୍ୱଜିତ ସିଂହ ଏବଂ ଗ୍ରାମବାସୀମାନେ ମାଟି ଉଠାଣ କାର୍ଯ୍ୟରେ କୌଣସି ପ୍ରକାର ବାଧା ସୃଷ୍ଟି କରିବେ ନାହିଁ ବୋଲି ମଧ ସମ୍ମତି ପ୍ରକାଶ କରିଛନ୍ତି ଅଧିକନ୍ତୁ, ଯଦି ପ୍ରଶାସନ କିମ୍ବା ସମ୍ପୃକ୍ତ କର୍ତ୍ତୃପକ୍ଷ ମନେ କରନ୍ତି ଯେ ଉକ୍ତ ସରକାରୀ ଜମିରୁ ମାଟି ଉଠାଇବା ଜନସ୍ୱାର୍ଥରେ ତୁରନ୍ତ ଆବଶ୍ୟକ, ତେବେ ବିପକ୍ଷ ପକ୍ଷ ଶ୍ରୀ ସ୍ୱାଇଁ ମାଟି ଉଠାଣ କାର୍ଯ୍ୟକୁ ତୁରନ୍ତ କରିବାକୁ ବାଧ ରହିବେ ବୋଲି ଦର୍ଶାଯାଇଛି।ସୂଚନାଯୋଗ୍ୟ ଖୋଳାଯାଉଥିବା ବଳକା ମାଟି ନାଳରେ ପକାଇବା ଫଳରେ ଜଳସ୍ରୋତକୁ ବନ୍ଦ ହୋଇଥିଲା। ଏହାଦ୍ୱାରା ସମ୍ପୃକ୍ତ ନାଳ ଉପରେ ନିର୍ଭୟ ଶୀଳ ଯଦୁନାଥପୁର, ସାନକେରକୋ, ପୂର୍ଣ୍ଣଚନ୍ଦ୍ରପୁର ଓ ନାଉପାଳ ପଞ୍ଚାୟତର ୩ଶହରୁ ଚାଷୀମାନେ ଖରା ଓ ବର୍ଷାଦିନେ ଜଳ ବ୍ୟବହାରର କରି ଚାଷକାର୍ଯ୍ୟ ବ୍ୟାହାତ ହେଉଛି।

ଅପରପକ୍ଷରେ ବର୍ଷତମାମ ଗାଁ ଲୋକେ ଉପରୋକ୍ତ ନାଳ ଉପରେ ନିତ୍ୟବ୍ୟବହାର କରିଥାନ୍ତି। ଏଣୁ ସମସ୍ୟା ସମାଧାନ ପାଇଁ ୩ଟି ପଞ୍ଚାୟତର ପୂର୍ବତନ ସରପଞ୍ଚ, ଜଣେ ସମିତି ସଭ୍ୟ ଓ ଜିଲ୍ଲା କିଷାନ କଂଗ୍ରେସ ସଭାପତି ଦିପକ ଦାଶଙ୍କ ସହିତ ୪ଟି ପଞ୍ଚାୟତର ଚାଷୀ ଗଣ ଜିଲ୍ଲାପାଳଙ୍କୁ ଫେରାଦ ଜଣାଇଥିଲେ।



## ଅଲ୍‌ଚିକି ଲିପି ବାର୍ଷିକ ପରୀକ୍ଷା

# ୬୧ ଜଣ ଛାତ୍ରଛାତ୍ରୀ ଦେଲେ ପରୀକ୍ଷା



ବିଶୋଇ, ୧୦।୬(ସମିସ): ଓଡ଼ିଶା ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଘ ରାଇରଙ୍ଗପୁର ଶାଖା ଆନୁକୂଲ୍ୟରେ ସାନ୍ତାଳୀ ଭାଷା ଅଲଚିକି ଲିପି ମାଧ୍ୟମରେ ବାର୍ଷିକ ପରୀକ୍ଷା କାଦୁଆଣି ଗ୍ରାମସ୍ଥ ସ୍ଥାନୀୟ ବାଗାଦ୍ ଟଲା ଅଲ୍ ଇତୁନ୍ ଆଷ୍ଣାଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ସ୍ତରରେ ୧୬ ଜଣ, ଉଚ୍ଚପ୍ରାଥମିକରେ ୧୨ ଜଣ, ମାଧ୍ୟମିକ ସ୍ତରରେ ୧୫ ଜଣ, ଉଚ୍ଚମାଧ୍ୟମିକ ସ୍ତରରେ ୯ ଜଣ ଓ ସ୍ନାତକ ସ୍ତରରେ ୯ ଜଣ ମୋଟ ୬୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ପ୍ରଧାନଶିକ୍ଷକ ପାର୍ଗାନା ବାବା ଦୁର୍ଗା ମୁର୍ମୁଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ସମାୟ ମୁର୍ମୁ, ଶିକ୍ଷୟିତ୍ରୀ ସଲମା ମୁର୍ମୁ ଓ ଲକ୍ଷ୍ମୀପ୍ରିୟା ବାସ୍କେଙ୍କ ସହଯୋଗରେ ପରୀକ୍ଷା ଶେଷ ହୋଇଛି। ଶେଷ ଦିବସରେ ପ୍ରଧାନଶିକ୍ଷକ ଶ୍ରୀ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଅଲ୍‌ଚିକି ପ୍ରସାର ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସମାଜସେବୀ ତଥା ଅଲ୍‌ଚିକି ପ୍ରସାରକ ସୁରାଇ ହାଁସଦା ଯୋଗଦେଇ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ବୈଜ୍ଞାନିକ ପଦ୍ଧତିରେ ଆବିଷ୍କୃତ ହୋଇଥିବା ଅଲଚିକି ଲିପି ମାଧ୍ୟମରେ ସାନ୍ତାଳୀ ଭାଷା ସାହିତ୍ୟକୁ ସମୃଦ୍ଧି କରିବା ସହିତ ପୃଥିବୀର ସମସ୍ତ ଭାଷା ମଧ ସ୍ପଷ୍ଟ ଉଚ୍ଚାରଣ କରାଯାଇପାରୁଥିବାରୁ ଏହା ଗୌରବର ବିଷୟ ବୋଲି କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରୁ ଖଡ଼ମବେଡ଼ା ସମିତି ସଭ୍ୟା ବାସନ୍ତୀ ହାଁସଦା, ସାୱଁତା ମାଝୀବାବା ସାଉନା ହେମ୍ବ୍ରମ ପ୍ରମୁଖ ଯୋଗଦେଇ ପରୀକ୍ଷାର୍ଥୀଙ୍କୁ ମାତୃଭାଷାରେ ପରୀକ୍ଷା ଦେଇଥିବାରୁ ଉତ୍ସାହିତ କରିଥିଲେ।

# ବିଜେଡି ପକ୍ଷରୁ ବିର୍ସା ମୁଣ୍ଡାଙ୍କ ସହିଦ ଦିବସ





ବିଶୋଇ, ୧୦।୬(ସମିସ): ସହିଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ସମାରୋହ ବିଶୋଇ ବ୍ଲକ ବିଜେଡି ପକ୍ଷରୁ ବିଶୋଇସ୍ଥ ବିର୍ସା ମୁଣ୍ଡା ଛକଠାରେ ପାଳିତ ହୋଇଯାଇଛି। ମୟୂରଭଞ୍ଜ-୨ ଜିଲ୍ଲା ବିଜେଡି ସଭାପତି ଡାକ୍ତର ଦେବାଶିଷ ମାରାଣ୍ଡିଙ୍କ ନେତୃତ୍ୱରେ ବିଜେଡିର ଯୁବ, ଛାତ୍ର ଓ ତୁଙ୍ଗ ନେତା କାଦପାଣି ଛକଠାରୁ ବିଶାଳ ବାଇକ ରାଲିରେ ବାହାରି ପ୍ରଥମେ ବିଶୋଇ ବଜାରସ୍ଥ ବିର୍ସା ମୁଣ୍ଡା ଛକରେ ପହଞ୍ଚିଥିଲେ। ବିଜେଡି କର୍ମୀ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଦିବାସୀଙ୍କ ଜଳ, ଜଙ୍ଗଲ ଓ ଜମି ସୁରକ୍ଷା ପ୍ରଦାନରେ ବିର୍ସା ମୁଣ୍ଡାଙ୍କ ଅବଦାନ ଅତୁଳନୀୟ ବୋଲି ଜିଲ୍ଲା ବିଜେଡି ସଭାପତି ଡାକ୍ତର ମାରାଣ୍ଡି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜେଡିର ରାଜ୍ୟ ସମ୍ପାଦକ ଦୀପକ ମାଡୁଆଲ, ବରିଷ୍ଠ ନେତା ଅମର ସିଂ ଟୁଡୁ, ଜିଲ୍ଲା ସମ୍ପାଦକ ବିରଞ୍ଚି ନାରାୟଣ ନନ୍ଦ, ଜିଲ୍ଲା ସମ୍ପାଦକ ଖେଲାରାମ ଟୁଡୁ, ଚାନ୍ଦ୍ରାୟ ସରେନ, ନଟବର ସିଂ ପ୍ରମୁଖ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ। ଯୁବ କର୍ମୀ ସୁନୀଲ ମହାପାତ୍ର, ସଚିନ୍ଦ୍ର ମହାନ୍ତ, ବାବଲୁ ମୁଣ୍ଡା, ରାଜୀବ ନାଏକ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

● ୨୦ ଝାଡ଼ଖଣ୍ଡ ହାତୀଙ୍କ ଉତ୍ପାତ

# ସଙ୍କଟରେ ବେତନଟୀ ବନାଞ୍ଚଳ ଗ୍ରାମବାସୀଙ୍କ ଜୀବନ



ବେତନଟୀ, ୧୦।୬(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବନାଞ୍ଚଳରେ ୨୦ଟି ଝାଡ଼ଖଣ୍ଡ ହାତୀଙ୍କ ଉତ୍ପାତ ଜାରି ରହିଛି। ଏହି ହାତୀ ପଲ ଆଖପାଖ ଗ୍ରାମରେ ପଶି ଫସଲ ନଷ୍ଟ କରିବା ସହ ଘର ଭାଙ୍ଗୁଛନ୍ତି। ଫଳରେ ବନାଞ୍ଚଳ ଗ୍ରାମବାସୀଙ୍କ ଜୀବନ ସଙ୍କଟରେ ପଡ଼ିଛି। ପାଉଁଶିଆ ଗ୍ରାମରେ ୯ଟି, ବଡ଼ାମପୁରରେ ୬ଟି, ଦୁର୍ଗାପୁରରେ ୩ଟି, ଗଡ଼ିଗାଁ ଓ ମେରଦା ଗ୍ରାମରେ ଗୋଟିଏ ଲେଖାଏଁ ହାତୀ ଦେଖାଯାଇଛନ୍ତି। ୨୦ଟି ହାତୀଙ୍କ ଉପସ୍ଥିତି ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଛି। ବେତନଟୀ ବନାଞ୍ଚଳ ଅଧୀନ ଭାଲୁକ ଚୁଆ ଗ୍ରାମର ଭାଗୀରଥ ମୁର୍ମୁ ଓ ମାଝୀଆଣି ଗ୍ରାମର ମଙ୍ଗଳା ସୋରେନଙ୍କ ଘର ଉପରେ ହାତୀ ଆକ୍ରମଣ କରି ଭାଙ୍ଗି ଦେଇଛନ୍ତି। ଉଭୟ ପରିବାରର ଲୋକେ କୌଣସି ପ୍ରକାରେ ନିଜ ଜୀବନ ରକ୍ଷା କରିଛନ୍ତି। ଦୀର୍ଘବର୍ଷ ଧରି ଏହି ହାତୀ ଆସିବା ଘଟଣା ପ୍ରଶାସନ ଜାଣିଥିଲେ ମଧ ଯଥାଯୋଗ୍ୟ ପଦକ୍ଷେପ ନେଉ ନ ଥିବାରୁ ହାତୀପଲ ବନାଞ୍ଚଳ ଛାଡ଼ିଯିବାର ଲକ୍ଷଣ ଦେଖାଯାଉନାହିଁ। ହାତୀ-ମଣିଷ ସଂଘର୍ଷ କ୍ରମଶଃ ବଢୁଥିବାରୁ ସ୍ଥାନୀୟ ପ୍ରଶାସନ ଓ ବନ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ହାତୀଙ୍କୁ ସୁରକ୍ଷିତ ସ୍ଥାନକୁ ଫେରାଇ ନିଅନ୍ତୁ ଓ ଗ୍ରାମବାସୀଙ୍କ ଜୀବନ ଓ ସମ୍ପତ୍ତି ରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

## ପରମ୍ପରା, ସଂସ୍କୃତି ଓ ଭାଇଚାରାର କରଞ୍ଜିଆ।

# ବର୍ତ୍ତମାନ ସ୍ଥିତିରେ ବଦଳୁଛି ସମାଜର ଚିତ୍ର

କରଞ୍ଜିଆ, ୧୦।୬(ସମିସ): ମୟୂରଭଞ୍ଜ ଜିଲ୍ଲାର ଉପଖଣ୍ଡ ସହର କରଞ୍ଜିଆ କେବଳ ଏକ ଭୌଗୋଳିକ ଅଞ୍ଚଳ ନୁହେଁ, ବରଂ ଏହା ଏକ ସଂସ୍କୃତି, ପରମ୍ପରା, ଭାଇଚାରାର ଜୀବନ୍ତ ପ୍ରତୀକ। ଦଶନ୍ଧି ଦଶନ୍ଧି ଧରି ଏହି ଅଞ୍ଚଳ ନିଜର ସାମାଜିକ ଏକତା, ଧାର୍ମିକ ସହିଷ୍ଣୁତା ଓ ଆଦିବାସୀ-ଅନାଦିବାସୀ ସମ୍ପ୍ରଦାୟ ମଧ୍ୟରେ ସୁନ୍ଦର ସମନ୍ୱୟ ପାଇଁ ପରିଚିତ ହୋଇଆସିଛି। ଏଠାକାର ଲୋକ ଜାତି, ଧର୍ମ, ବର୍ଣ୍ଣ ଓ ଆର୍ଥିକ ସ୍ଥିତିର ଊର୍ଦ୍ଧ୍ୱରେ ରହି ପରସ୍ପରର ସୁଖଦୁଃଖରେ ସାମିଲ ହୋଇଆସିଛନ୍ତି। ଏକ ସମୟ ଥିଲା, ଯେତେବେଳେ କରଞ୍ଜିଆର ପ୍ରତ୍ୟେକ ଗାଁ ଓ ସହରର ଗଳିକନ୍ଦିରେ ଭାଇଚାରାର ସୁଗନ୍ଧ ଅନୁଭବ କରାଯାଉଥିଲା। ପର୍ବପର୍ବାଣୀ, ମେଳା, ସାମାଜିକ କାର୍ଯ୍ୟକ୍ରମ କିମ୍ବା ଦୁର୍ଯୋଗ ସମୟରେ ସବୁଠି ଲୋକମାନେ ଏକ ପରିବାର ଭଳି ଏକାଠି ହେଉଥିଲେ। କରଞ୍ଜିଆର ଐତିହ୍ୟ ଓ ସଂସ୍କୃତି ସଦାସର୍ବଦା ଏହାର ସବୁଠାରୁ ବଡ଼ ଶକ୍ତି ହୋଇରହିଛି। ଦୋଳ ଯାତ୍ରା, ରାମନବମୀ, ରଜପର୍ବ, ମକର ସଂକ୍ରାନ୍ତି, କରମ ପର୍ବ, ସୋହରାୟ, ବାହା ପରବ ଭଳି ଉତ୍ସବ ମାଧ୍ୟମରେ ଏଠାର ଲୋକମାନେ ନିଜର ସାଂସ୍କୃତିକ ପରିଚୟକୁ ବଞ୍ଚାଇ ରଖିଛନ୍ତି। ଆଦିବାସୀ ନୃତ୍ୟ, ଲୋକଗୀତ, ପାରମ୍ପରିକ କଳା ଓ ଲୋକସଂସ୍କୃତି କରଞ୍ଜିଆକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ବର୍ତ୍ତମାନ ସମୟରେ ଏହି ସମୃଦ୍ଧ ପରମ୍ପରା ଓ ସାମାଜିକ ମୂଲ୍ୟବୋଧ ଧୀରେ ଧୀରେ କ୍ଷୟିତ ହେବାକୁ ଲାଗିଛି କି ବୋଲି ପ୍ରଶ୍ନ ଉଠିଛି।

ସମ୍ପ୍ରତି କରଞ୍ଜିଆ ଓ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ଅପ୍ରୀତିକର ଘଟଣା ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ଅସାମାଜିକ କାର୍ଯ୍ୟକଳାପ, ନିଶାଦ୍ରବ୍ୟର ବେଆଇନ କାରବାର, ଚୋରି, ହିଂସା ଓ କେତେକ କ୍ଷେତ୍ରରେ ହତ୍ୟାକାଣ୍ଡ ଭଳି ଘଟଣା ସାଧାରଣ ଲୋକଙ୍କୁ ଚିନ୍ତିତ କରୁଛି। ଏକ ସମୟରେ ଯେଉଁ ଅଞ୍ଚଳ ଶାନ୍ତି ଓ ସୁରକ୍ଷା ପାଇଁ ପରିଚିତ ଥିଲା, ସେଠାରେ ଆଜି ଲୋକଙ୍କ ମନରେ ଅସୁରକ୍ଷାର ଭାବନା ବଢ଼ିବାରେ ଲାଗିଛି। ଏହା କେବଳ ପ୍ରଶାସନ ପାଇଁ ନୁହେଁ, ସମଗ୍ର ସମାଜ ପାଇଁ ଚିନ୍ତାର ବିଷୟ। ଏଥିସହିତ ସାମାଜିକ ସମ୍ପର୍କରେ ମଧ ଅନେକ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ପୂର୍ବରୁ ଗାଁର ଲୋକେ ପରସ୍ପରଙ୍କ ଘରକୁ ଯାଉଥିଲେ, ସାମାଜିକ କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେଉଥିଲେ ଓ ଛୋଟ ଛୋଟ ସମସ୍ୟାକୁ ମିଳିମିଶି ସମାଧାନ କରୁଥିଲେ। କିନ୍ତୁ ଆଧୁନିକ ଜୀବନଶୈଳୀ, ବ୍ୟସ୍ତତା ଓ ସାମାଜିକ ଗଣମାଧ୍ୟମର ପ୍ରଭାବ ଯୋଗୁଁ ଲୋକଙ୍କ ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ କମିବାରେ ଲାଗିଛି। ସମ୍ପର୍କ ଅଛି, କିନ୍ତୁ ପୂର୍ବଭଳି ଆତ୍ମୀୟତା ଓ ନିକଟତା କମ୍ ଦେଖିବାକୁ ମିଳୁଛି। ଆର୍ଥିକ କ୍ଷେତ୍ରରେ ମଧ କରଞ୍ଜିଆ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି। ଉଚ୍ଚଶିକ୍ଷିତ ଯୁବକ/ଯୁବତୀ ରାଜ୍ୟରେ କର୍ମନିଯୁକ୍ତି ଅଭାବ ଯୋଗୁଁ ଭୁବନେଶ୍ୱର, କଟକ, ରାଉରକେଲା, ବେଙ୍ଗାଲୁରୁ, ହାଇଦ୍ରାବାଦ ଓ ଅନ୍ୟାନ୍ୟ ରାଜ୍ୟକୁ ପଳାୟନ କରୁଛନ୍ତି। ଅନେକ ପରିବାରର ଯୁବପିଢ଼ି ନିଜ ମାଟି ଛାଡ଼ି ଜୀବିକା ପାଇଁ ଦୂର ଦେଶରେ ରହୁଛନ୍ତି। ଏହାର ପ୍ରଭାବ କେବଳ ପରିବାର ଉପରେ ନୁହେଁ, ସ୍ଥାନୀୟ ଅର୍ଥନୀତି ଉପରେ ମଧ ପଡୁଛି।

କୃଷି ଆଜି ବି କରଞ୍ଜିଆ ଅଞ୍ଚଳର ମୁଖ୍ୟ ଜୀବିକା ହୋଇଥିଲେ ମଧ କୃଷକ ବିଭିନ୍ନ ସମସ୍ୟା ଭିତରେ ଘେରି ରହିଛନ୍ତି। ଚାଷ ଉପକରଣର ମୂଲ୍ୟ ବୃଦ୍ଧି, ସାର ଓ ବିହନର ଅଭାବ, ଅନିୟମିତ ବର୍ଷା, ବନ୍ୟା କିମ୍ବା ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ, ଉତ୍ପାଦିତ ଫସଲ ପାଇଁ ଉପଯୁକ୍ତ ବଜାର ବ୍ୟବସ୍ଥାର ଅଭାବ କୃଷକଙ୍କ ଚିନ୍ତା ବଢ଼ାଇଛି। ଅନ୍ୟପକ୍ଷରେ ଛୋଟ ବ୍ୟବସାୟୀ ଓ ଦୋକାନୀ ମଧ ବଜାରର ମନ୍ଦା ଅବସ୍ଥା ଓ ବଢୁଥିବା ପ୍ରତିଯୋଗିତାର ସାମ୍ନା କରୁଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ ଅନେକ ସୁଧାରର ଆବଶ୍ୟକତା ରହିଛି। ଯଦିଓ ସରକାରୀ ଚିକିତ୍ସା ବ୍ୟବସ୍ଥାରେ କିଛି ଉନ୍ନତି ହୋଇଛି, ତଥାପି ଗୁରୁତର ରୋଗୀଙ୍କୁ ଆଜି ବି ବାରିପଦା, କଟକ କିମ୍ବା ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ପଡୁଛି। ଏକ ଉନ୍ନତ ଚିକିତ୍ସା ବ୍ୟବସ୍ଥା ଓ ବିଶେଷଜ୍ଞ ଡାକ୍ତରଙ୍କ ଉପଲବ୍ଧତା ସାଧାରଣ ଲୋକଙ୍କ ଦୀର୍ଘଦିନର ଦାବି ହୋଇରହିଛି। ତଥାପି କରଞ୍ଜିଆର କାହାଣୀ କେବଳ ସମସ୍ୟାର କାହାଣୀ ନୁହେଁ। ଏହି ମାଟିରେ ଆଜି ବି ଅନେକ ସକାରାତ୍ମକ ଉଦାହରଣ ରହିଛି। ସାମାଜିକ ସଂଗଠନ, ଯୁବ ସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, କଳାକାର, ଶିକ୍ଷକ, ସାମ୍ବାଦିକ ଓ ସଚେତନ ନାଗରିକ ସମାଜର ଉନ୍ନତି ପାଇଁ ନିରନ୍ତର କାମ କରୁଛନ୍ତି। ପରିବେଶ ସୁରକ୍ଷା, ରକ୍ତଦାନ ଶିବିର, ଶିକ୍ଷା ପ୍ରସାର, ସଂସ୍କୃତିର ସଂରକ୍ଷଣ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସହାୟତା କ୍ଷେତ୍ରରେ ଅନେକ ସକାରାତ୍ମକ ପ୍ରୟାସ ଚାଲିଛି। ଆଜିର ଆବଶ୍ୟକତା ହେଉଛି ଦୋଷାରୋପ ନୁହେଁ, ବରଂ ସମାଧାନର ରାସ୍ତା ଖୋଜିବା। ପ୍ରଶାସନ, ଜନପ୍ରତିନିଧି, ସାମାଜିକ ଅନୁଷ୍ଠାନ, ଯୁବପିଢ଼ି ଓ ସାଧାରଣ ନାଗରିକ ମିଳିତ ଭାବେ କାମ କଲେ କରଞ୍ଜିଆ ପୁଣିଥରେ ଏକ ଆଦର୍ଶ ଉପଖଣ୍ଡ ଭାବେ ଉଭା ହୋଇପାରିବ। ବିକାଶ କେବଳ ନୂଆ ରାସ୍ତା, ପୋଲ କିମ୍ବା କୋଠାବାଡ଼ି ନିର୍ମାଣରେ ସୀମିତ ନୁହେଁ; ବରଂ ଲୋକଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ସାମାଜିକ ସମ୍ପ୍ରୀତି ଓ ଜୀବନମାନର ଉନ୍ନତିରେ ତାହାର ପ୍ରକୃତ ପ୍ରତିଫଳନ ଦେଖାଯାଏ। କରଞ୍ଜିଆର ଭବିଷ୍ୟତ କେବଳ ସରକାର କିମ୍ବା ପ୍ରଶାସନର ହାତରେ ନୁହେଁ, ବରଂ ଏହି ମାଟିକୁ ଭଲ ପାଉଥିବା ପ୍ରତ୍ୟେକ ନାଗରିକଙ୍କ ହାତରେ ରହିଛି। ଯଦି ଆମେ ସମସ୍ତେ ମିଶି ନିଜ ଅଞ୍ଚଳର ସମସ୍ୟାକୁ ଚିହ୍ନଟ କରି ତାହାର ସମାଧାନ ପାଇଁ ସକ୍ରିୟ ହେବା, ତେବେ କରଞ୍ଜିଆ ପୁଣିଥରେ ତାହାର ଗୌରବମୟ ପରମ୍ପରା, ସଂସ୍କୃତି ଓ ଭାଇଚାରାର ପରିଚୟକୁ ଅଧିକ ସୁଦୃଢ଼ କରିପାରିବ। ସମାଜର ପ୍ରକୃତ ଉନ୍ନତି ସେତେବେଳେ ସମ୍ଭବ, ଯେତେବେଳେ ବିକାଶ ସହିତ ମାନବିକତା, ସୁରକ୍ଷା, ଭାଇଚାରା ଓ ସାମାଜିକ ମୂଲ୍ୟବୋଧ ସମାନ ଭାବେ ଆଗକୁ ବଢ଼ିବ। କରଞ୍ଜିଆର ଭବିଷ୍ୟତ ପାଇଁ ଏହା ହିଁ ସବୁଠାରୁ ବଡ଼ ଆବଶ୍ୟକତା।

